## ଆବର୍ଜନାମୁକ୍ତ ସହର ଚିହ୍ନଟ ହେଲା ଆସିକା ଏନ୍‌ଏସି

ଆସିକା, (ସୁରେନ୍ଦ୍ର ନାଥ ସାହୁ): ଆସିକା ଏନ୍‌ଏସି ଏକ ଆବର୍ଜନା ମୁକ୍ତ ସହର ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଚିହ୍ନଟ ହୋଇଛି। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନ ପକ୍ଷରୁ ଏହି ଏନଏସିକୁ ଚିହ୍ନଟ କରାଯାଇଛି। ଆସନ୍ତା ୧୧ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପରେ ଆସିକା ଏନ୍‌ଏସିକୁ ଆବର୍ଜନା ମୁକ୍ତ ସହର ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ଜାତୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି।

# ଶ୍ରୀଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ ଓ ଗୁଆ, ଚାଉଳ ସଂଗ୍ରହ



ଭଞ୍ଜନଗର




ଚାନ୍ଦିପୁଟ



ଫୁଲବାଣୀ



ରାଇକିଆ

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଜିଲା କୃଷି ମେଳା ଉଦଘାଟନୀ। ସ୍ଥାନ-ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳ ପଡିଆ।ସମୟ-ପୂର୍ବାହ୍ନ ୧୧ଟା ୩୦।

## ଗଞ୍ଜାମ ଏନ୍‌ଏସି ଆବର୍ଜନାମୁକ୍ତ ସହର

ଗଞ୍ଜାମ, ୭।୧ (ବିଦ୍ୟାଧର ସାହୁ)

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୩ ଅଭିଯାନରେ ଓଡିଶାର ୧୬ଟି ସହରାଞ୍ଚଳ ଆବର୍ଜନାମୁକ୍ତ ସହର ଭାବେ ଜାତୀୟ ସ୍ତରରେ ଯୋଗ୍ୟ ବିବେଚିତ ହୋଇଛି। ଗଞ୍ଜାମ ଜିଲାର ୧୦ ଏନ୍‌ଏସି ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିବା ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସ୍ପଷ୍ଟ କରିଛି। ସେଥିମଧ୍ୟରେ ଗଞ୍ଜାମ ଏନଏସି ରହିଛି। ଆସନ୍ତା ୧୧ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଞ୍ଜାମ ଏନଏସିକୁ ଆବର୍ଜନାମୁକ୍ତ ସହର ପାଇଁ ଜାତୀୟ ପୁରସ୍କାର ପ୍ରଦାନ କରିବେ। ଏଥିପାଇଁ ପ୍ରାକ୍ତନ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ଏବଂ ସାନିଟେସନ ଏକ୍ସପଟ ସୁମିତ ବେହେରାଙ୍କୁ ସହରବାସୀ କୃତଜ୍ଞତା ଜଣାଇଛନ୍ତି। ପ୍ରାକ୍ତନ ଏନଏସି ଇଓ ମିଶ୍ରଙ୍କର ସଫଳ ନେତୃତ୍ୱ ଏବଂ କର୍ମଚାରୀଙ୍କୁ ନେଇ ବିଭିନ୍ନ ୱାର୍ଡ ପରିଦର୍ଶନ ଓ ସମୀକ୍ଷା ପାଇଁ ଗଞ୍ଜାମ ଏନଏସକୁ ଏହି ସଫଳତା ମିଳିଛି ବୋଲି ବିଜେଡି ଏନଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ବିଡିଓ, ଜନପ୍ରତିନିଧି ମୁହାଁମୁହିଁ, ଥାନାରେ ଏତଲା

ପାତ୍ରପୁର,୭।୧(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ପ୍ରଶାସନ ଓ ଜନପ୍ରତିନିଧି ପୁଣି ମୁହାଁମୁହିଁ ହୋଇଛନ୍ତି। ଗତ ଗୁରୁବାର ଶ୍ରୀମନ୍ଦିର ପରିକ୍ରମା କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଚାଲିଥିବା ବେଳେ କୌଣସି ଏକ କଥାକୁ ନେଇ ବିଡିଓ ଓ କେତେଜଣ ଜନପ୍ରତିନିଧିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବିଡିଓ ସଭା କକ୍ଷରୁ ପଳାଇବାରୁ ଜନପ୍ରତିନିଧି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଜରଡା ଥାନା ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ତାଲା ଖୋଲିଥିଲେ। ସେହି ରାତିରେ ବିଡିଓ ୪ ଜଣ ଜନ ପ୍ରତିନିଧିଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଶନିବାର ଅପରାହ୍ନରେ ଜନପ୍ରତିନିଧି ମାନଙ୍କ ଏକ ଗୋଷ୍ଠୀ ବିଡିଓଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ବିଡିଓ ବିଭିନ୍ନ ସଭା କାର୍ଯ୍ୟରେ ଜନପ୍ରତିନିଧିମାନଙ୍କୁ ଅପମାନିତ କରୁଥିବା ବେଳେ ଲୋକେ ନିଜ ସମସ୍ୟା ନେଇ ଦେଖା କରିବାକୁ ଗଲେ କାର୍ଯ୍ୟାଳୟ ବାହାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରାଉଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ତେବେ ବିଡିଓଙ୍କ ଅଭିଯୋଗ ପ୍ରକାରେ ୯/୨୪ରେ ମାମଲା ରୁଜୁ ହୋଇଥିବା ବେଳେ ଜନପ୍ରତିନିଧିଙ୍କ ଏତଲା ନେଇ କୌଣସି ମାମଲା ହୋଇ ନ ଥିବା ଜଣାପଡିଛି।

## କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦିଗପହଣ୍ଡି,୭।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ରବିବାର ଠାରୁ ସ୍ଥାନୀୟ ବଡଖେମୁଣ୍ଡି ହାଇସ୍କୁଲ ଖେଳ ପଡିଆଠାରେ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଛି। ଖେମୁଣ୍ଡି ଓକିଲ ସଂଘର ପ୍ରାକ୍ତନ ସମ୍ପାଦକ ହରପ୍ରସାଦ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ବ୍ରହ୍ମପୁର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଏବଂ ଲିଡସ୍ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ୧୯ ରନରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନିତ ହୋଇଛି। କାଳିଆ ବେହେରାଙ୍କୁ 'ମ୍ୟାନ ଅଫ ଦି ମ୍ୟାଚ' ଘୋଷଣା କରାଯାଇଥିଲା। ମ୍ୟାଚ ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଦିଗପହଣ୍ଡି ତହସିଲଦାର ଅଶୋକ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ସେହିଭଳି ହାଇସ୍କୁଲ କ୍ରୀଡା ଶିକ୍ଷକ ଏମ୍. ଗୌରାଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚିଙ୍କୁ ପାଣିଗ୍ରାହୀ ଏବଂ ସଂଗ୍ରାମ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ମ୍ୟାଚରେ ହରପ୍ରସାଦ ସେଠୀ ଓ ସନ୍ତୋଷ କୁମାର କର ଅମ୍ପାୟରିଂ କରିଥିବା ବେଳେ ଗୁଡୁ ବାରିକ, ବିରେନ୍ଦ୍ର ସିଂ, ଜିତେନ୍ଦ୍ର ମେକାପ, ରୋମିଓ ରୋସନ ଥାପ୍ପା ପ୍ରମୁଖ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ସାଗର ପରିକ୍ରମା ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

ଛତ୍ରପୁର, ୭।୧ (ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)




କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭାରତ ସରକାରଙ୍କ ମତ୍ସ୍ୟ, ପଶୁ ଏବଂ ଗୋପାଳନ ମନ୍ତ୍ରଣାଳୟ ମନ୍ତ୍ରୀ ପରଶୋତ୍ତମ ରୁପାଲା ରବିବାର ଗଞ୍ଜାମ ଜିଲା ଗସ୍ତରେ ଆସି ସାଗର ପରିକ୍ରମା ପର୍ଯ୍ୟାୟର ସମୀକ୍ଷା କରିଛନ୍ତି। ଛତ୍ରପୁର ଉପକଣ୍ଠ ଗୋପାଳପୁର ବନ୍ଦର ପରିସରରେ ଥିବା ମତ୍ସ୍ୟ ଜେଟି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରସ୍ତାବିତ ଫିସିଂ ହାରବର ପ୍ରତିଷ୍ଠା ନିମନ୍ତେ ଯେଉଁ ସମସ୍ୟା ରହିଛି ତାହାର ସମାଧାନ କରିବା ଦିଗରେ ପ୍ରଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ରୁପାଲା କହିଛନ୍ତି। ପ୍ରଗତିଶୀଳ ମତ୍ସ୍ୟଜୀବୀ, ବିଶେଷକରି ଉପକୂଳ ମତ୍ସ୍ୟଜୀବୀ ଓ ମତ୍ସ୍ୟ ଚାଷୀ, ଯୁବ ମତ୍ସ୍ୟ ଉଦ୍ୟୋଗୀ ଆଦି କିଷାନ କ୍ରେଡିଟ କାର୍ଡ ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ମତ୍ସ୍ୟଜୀବୀ, ଉପକୂଳବର୍ତ୍ତୀ ସମୁଦାୟ ଏବଂ ଅଂଶୀଦାରମାନଙ୍କ ସହ ଯୋଗାଯୋଗ କରି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ମତ୍ସ୍ୟ ସମ୍ବନ୍ଧୀୟ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରସାର କରିବା ଏବଂ ମତ୍ସ୍ୟଜୀବୀଙ୍କ ସମସ୍ୟା ବୁଝିବା ସାଗର ପରିକ୍ରମାର ମୁଖ୍ୟ ଉଦ୍ଦେଶ୍ୟ। ମତ୍ସ୍ୟମାନଙ୍କ ବିଭିନ୍ନ ସ୍କିମର ସବସିଡ, ଜଣେ ହିତାଧିକାରୀଙ୍କ ପରିବାରଙ୍କୁ ମୃତ୍ୟୁବରଣ ସହାୟତା ରାଶି ଏବଂ ଗୋପାଳପୁରର ଦୁଇଜଣ ମତ୍ସ୍ୟଜୀବୀଙ୍କୁ କିଷାନ କ୍ରେଡିଟ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରୁପାଲାଙ୍କ ସ୍ତ୍ରୀ ସବିତା ବେନ ରୁପାଲା, ବିଭାଗୀୟ ଯୁଗ୍ମ ସଚିବ ନିତୁ କୁମାରୀ ପ୍ରସାଦ, ଓଡିଶା ରାଜ୍ୟ ମତ୍ସ୍ୟ ବିଭାଗର ନିର୍ଦ୍ଦେଶକ ସିଦ୍ଧିକ ଆଲାମ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଭାଜପା ଜିଲା ସଭାପତି ଡ଼ଃ ସୁବାଷ ସାହୁ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରାଙ୍କ ସମେତ ମତ୍ସ୍ୟବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଶେଷରେ ଜିଲା ମତ୍ସ୍ୟ ଅଧିକାରୀ ଏନ. ବସ୍ତିଆ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ପ୍ରସ୍ତାବିତ ଫିସିଂ ହାରବର ପ୍ରତିଷ୍ଠା ସହ ମତ୍ସ୍ୟମାନଙ୍କ ସମସ୍ୟା ନେଇ ଜିଲା ମତ୍ସ୍ୟଜୀବି ଫୋରମ, ଆର୍ଯ୍ୟପଲ୍ଲୀ ପଞ୍ଚାୟତ, ପାରମ୍ପରିକ ମତ୍ସ୍ୟକର୍ମୀ ୟୁନିୟନ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରିଥିଲେ।

## ପୁଟ୍ଟପର୍ତ୍ତିରେ ରଣପା ନୃତ୍ୟ କରି ପ୍ରଶଂସିତ ହେଲେ ଛତ୍ରପୁର ଛାତ୍ର



ପ୍ରଶାନ୍ତି ନୀଳୟମ୍‌ରେ ଛାତ୍ରମାନେ ରଣପା ନୃତ୍ୟ କରୁଛନ୍ତି।

ଛତ୍ରପୁର,୭।୧ (ଦିଲୀପ ସାମଲ)

ଚଳିତ ମାସ ୬ ଓ ୭ ତାରିଖରେ ପୁଟପର୍ତ୍ତି ପ୍ରଶାନ୍ତି ନିଳୟମଠାରେ ସର୍ବଭାରତୀୟ ଶ୍ରୀ ସତ୍ୟସାଇ ବାଳ ବିକାଶ ପ୍ରାକ୍ତନ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ଭାରତର ପୂର୍ବତନ ବାଳବିକାଶ ଛାତ୍ରୀଛାତ୍ର ଓ ଗୁରୁମାନେ ଯୋଗ ଦେଇଥିଲେ। ଏହି ସମାବେଶରେ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକର ମହତ୍ତ୍ୱ ଉପରେ ଶିକ୍ଷା ଦିଆଯାଇଥିଲା । ଏଥିରେ ଛତ୍ରପୁରସ୍ଥିତ ଶ୍ରୀ ସତ୍ୟସାଇ ବିଦ୍ୟା ଭବନର ପୂର୍ବତନ ଛାତ୍ରମାନେ ଯୋଗଦେଇ ଅନ୍ତର୍ଜାତୀୟ ଓଡିଶୀ ନୃତ୍ୟଗୁରୁ ମଧୁସ୍ମିତା ପଟ୍ଟନାୟକ ଓ ଗୁରୁ ସମୀର କୁମାର ବେହେରାଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଗଞ୍ଜାମର ଲୋକନୃତ୍ୟ 'ରଣପା ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି। ପ୍ରଧାନ ଶିକ୍ଷୟତ୍ରୀ ଭାଗ୍ୟଶ୍ରୀ ପଣ୍ଡା ଏବଂ ନୃତ୍ୟ ଶିଳ୍ପୀ ଦିବାକର ବିଷୋୟୀ ସହଯୋଗ କରିଥିଲେ।

## ଭାଜପାର ମଣ୍ଡଳ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ପାଟପୁର,୭।୧(ସୀମାଞ୍ଚଳ ସାହୁ)

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତର ପଲ୍ଲୀସାମନ୍ତରାପୁର ଠାକୁରାଣୀ ମନ୍ଦିର ନିକଟରେ ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ ପୂର୍ବତନ ଜିଲା ସଭାପତି ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଏବଂ ରାଜ୍ୟ ଉଭୟ କ୍ଷେତ୍ରରେ ଭାଜପା ସରକାର ଗଢ଼ିବାକୁ ହେଲେ ଆମ୍ଭଙ୍କୁ କଠିନ ପରିଶ୍ରମ କରିବାକୁ ପଡିବ ବୋଲି କହିଥିଲେ। ପ୍ରଭାରୀ ଦୁର୍ଗାଚରଣ ପଟ୍ଟନାୟକ, ପୂର୍ବତନ ଜିଲାପରିଷଦ ସଭ୍ୟ ଗଦାଧର ସ୍ୱାଇଁ, ମଣ୍ଡଳ ସଭାପତି ସୁନିଲ ପ୍ରଧାନ, ଜିଲା ଯୁବମୋର୍ଚ୍ଚା ଉପ ସଭାପତି ଏମ.ଚିନ୍ମୟ ରେଡ୍ଡୀ, ମହିଳା ମୋର୍ଚ୍ଚା ଜିଲା ଉପସଭାନେତ୍ରୀ ଯମୁନା ନାୟକ, ରାଜ୍ୟପରିଷଦ ସଭ୍ୟ ସନ୍ତୋଷ ପ୍ରଧାନ, ଅଶୋକ ନାୟକ, ସହଦେବ ସେଠୀ, ଧର୍ମେନ୍ଦ୍ର ସ୍ୱାଇଁ, ରତ୍ନାକର ପ୍ରଧାନ, ସୁଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତା

ଜି.ଉଦୟଗିରି,୭।୧(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକ ଓ ପୌରାଞ୍ଚଳ ସ୍ତରୀୟ ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତା ରବିବାର ସ୍ଥାନୀୟ ହବାକ୍ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଉଦଘାଟିତ ହୋଇଛି। ବିଡିଓ ମନୋଜ କୁମାର ଦେବତା ଓ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ମିଳିତ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷା ଦେବସ୍ମୀତା ଶତପଥୀ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ସମସ୍ତ କାଉନସିଲର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କ୍ରୀଡ଼ା ପତାକା ଉତ୍ତୋଳନ ପରେ ସମସ୍ତ ଖେଳାଳି, ଅତିଥି ମିଳିତ ଭାବରେ ଶପଥ ପାଠ କରିଥିଲେ। ପଞ୍ଚାୟତ ଓ ଏନଏସିରେ ଥିବା ସମସ୍ତ ସ୍କୁଲ ଓ କଲେଜରୁ ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ୪ଦିନ ଧରି ଏହି କ୍ରୀଡା ପ୍ରତିଯୋଗିତା ହୋଇ ୧୦ ତାରିଖରେ ଉଦଯାପିତ ହେବ। ଉଦଘାଟନୀ କାର୍ଯ୍ୟକ୍ରମକୁ ବିପିସି ଜଗନ୍ନାଥ ରଥ ପରିଚାଳନା କରିଥିଲେ।



ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ ଶପଥ ନେଉଛନ୍ତି।

## ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

କବିସୂର୍ଯ୍ୟନଗର,୭।୧ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ନନ୍ଦିଆଗଡ଼ା ପଞ୍ଚାୟତ ନନ୍ଦିଆଗଡାଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଜୁ ସେତୁ ଯୋଜନା ଅନ୍ତର୍ଭୁକ୍ତ ପଥରାଠାରୁ ବଡ ଚଢ଼େୟାପଡ଼ା ରାସ୍ତା ୦.୭୦୦କିମି ଉପରିସ୍ଥ ଧନେଇ ଉପରେ ସେତୁ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେହିପରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚାୟତରାଜ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ବିଜେଡି ଗଞ୍ଜାମ ଜିଲା ସଭାପତି ରମେଶ ଚ୍ୟାଉ ପଟ୍ଟନାୟକ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଜିଲା ଜୋନ ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଅଶ୍ୱିନୀ ସ୍ୱାଇଁ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ସ୍ୱାଇଁ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ପ୍ରଦୀପ କୁମାର ପାଢ଼ୀ, ଯନ୍ତ୍ରୀ ଗିରିଶ ଚନ୍ଦ୍ର ନାୟକ, ଆସିକା ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ଜିଲା ଉପସଭାପତି ଦିଲ୍ଲୀପ ପାଣିଗ୍ରାହୀ, ଆସିକା ଜିଲ୍ଲା ପରିଷଦ ସଦସ୍ୟ ବି. ମନୋଜ କୁମାର ଦୋରା, ତନ୍ମୟୀ ନାହାକ, ଅନିମା ପରିଡ଼ା, ଜିଲା ସମ୍ପାଦକ ଅଭିମନ୍ୟୁ ନାହାକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ପରିଡ଼ା, ଯୁବ ସଭାପତି ଶିବ ନାହାକ, ବିଜେଡି ବରିଷ୍ଠ ନେତା ଭଗବାନ ସାହୁ ଓ ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜନପ୍ରତିନିଧି ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟିକା ଓ ବରିଷ୍ଠ ନେତୃବୃନ୍ଦ।

